# NATIONAL NEWS BULLETIN (ODIA)
## 2 October - 2026
## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରଧାନମନ୍ତ୍ରୀଙ୍କ ନିରନ୍ତର ପ୍ରଚେଷ୍ଟାକୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁତିନଙ୍କ ପ୍ରଶଂସା ।
- ଭାରତ ବର୍ତ୍ତମାନ ବିଶ୍ୱ ଶାନ୍ତି ପ୍ରକ୍ରିୟାର ଏକ ବିଶ୍ୱସ୍ତ ମୁଖପାତ୍ର ଭାବେ ଉଭା ହୋଇଛି ବୋଲି ପୁତିନ୍‌ଙ୍କ ବିବୃତ୍ତିରେ ପ୍ରତିଫଳିତ ହେଉଛି, କହିଲେ ସ୍ୱରାଷ୍ଟ୍ର ମନ୍ତ୍ରୀ ।
- ଜାତିର ଜନକ ମହାତ୍ମା ଗାନ୍ଧି ଏବଂ ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କ ଜନ୍ମ ବାର୍ଷିକୀ ଅବସରରେ କୃତଜ୍ଞ ରାଷ୍ଟ୍ରର ବିନମ୍ର ଶ୍ରଦ୍ଧାଞ୍ଜଳୀ ।

ଏବଂ

- ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ବିଜୟ ଅଭିଯାନ ଜାରି ରଖି ଆଜି ହାସଲ କରିଛି ୬ଟି ସ୍ୱର୍ଣ୍ଣ ପଦକ ।

– ଉଦ୍‌ଯାପନୀ ସମାରୋହରେ ଦେଶର ମହିଳା ପତାକା ବାହକ ହେବେ ନିରୁ ଢାଣ୍ଡା ।

# ଶାହା-ପୁଟିନ

ବିଶ୍ୱରେ ଶାନ୍ତି ପ୍ରତିଷ୍ଠା ଦିଗରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର ନିରନ୍ତର ପ୍ରଚେଷ୍ଟାକୁ ରୁଷ ରାଷ୍ଟ୍ରପତି ଭ୍ଲାଦିମିର୍ ପୁଟିନ୍ ପ୍ରଶଂସା କରିଛନ୍ତି । ମସ୍କୋରେ ଆୟୋଜିତ ଏକ ସମାରୋହରେ ଉଦ୍‌ବୋଧନ ଦେଇ ଶ୍ରୀ ପୁଟିନ ଏହି ମତ ବ୍ୟକ୍ତ କରିଛନ୍ତି ।

ଶ୍ରୀ ପୁଟିନ୍‌ଙ୍କର ଏହି ବିବୃତ୍ତି ପ୍ରତ୍ୟେକ ଭାରତୀୟଙ୍କ ଲାଗି ଗର୍ବର ବିଷୟ ବୋଲି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା କହିଛନ୍ତି । ଶ୍ରୀ ଶାହା ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ବର୍ତ୍ତମାନ ବିଶ୍ୱ ଶାନ୍ତି ପ୍ରକ୍ରିୟାର ଏକ ବିଶ୍ୱସ୍ତ ମୁଖପାତ୍ର ଭାବେ ଉଭା ହୋଇଛି ବୋଲି ଜାତିର ଜନକ ମହାତ୍ମା ଗାନ୍ଧିଙ୍କର ଜନ୍ମ ବାର୍ଷିକୀ ଅବସରରେ ପୁଟିନ୍‌ଙ୍କର ଏହି ବିବୃତ୍ତିରେ ପ୍ରତିଫଳିତ ହେଉଛି । ଗତ କିଛି ବର୍ଷ ଧରି ସମଗ୍ର ବିଶ୍ୱରେ ଯୁଦ୍ଧ ଓ ଦ୍ୱନ୍ଦ୍ୱ ଭଳି ସ୍ଥିତି ଉପୁଜିଥିବା ବେଳେ ଏସବୁର ସମାଧାନ ଯୁଦ୍ଧ କ୍ଷେତ୍ର ନୁହେଁ ବରଂ ଆଲୋଚନା ଓ କୂଟନୀତି ମାଧ୍ୟମରେ ସମ୍ଭବ ବୋଲି ଶ୍ରୀ ମୋଦୀ ବିଶ୍ୱ ନେତୃବୃନ୍ଦଙ୍କୁ ଅବଗତ କରାଇଛନ୍ତି । ଯୁଦ୍ଧ ହେଉ ବା ପ୍ରାକୃତିକ ବିପର୍ଯ୍ୟୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କ ନେତୃତ୍ୱରେ ଭାରତ ଅନ୍ୟ ରାଷ୍ଟ୍ରକୁ ସର୍ବଦା ସାହାଯ୍ୟ ଓ ସହାୟତା ଯୋଗାଇ ଆସିଛି । ଏହା ଭାରତର ପୁରାତନ ପ୍ରଥା 'ବସୁଧୈବ କୁଟୁମ୍ବକମ୍'କୁ ଏକ ନୂତନ ପରିଚୟ ପ୍ରଦାନ କରିବାରେ ସଫଳ ହୋଇଛି । ଏହିସବୁ କାରଣ ଯୋଗୁଁ ବିଶ୍ୱ ସମ୍ମୁଖୀନ ହେଉଥିବା ସମସ୍ୟା ପ୍ରସଙ୍ଗରେ

ଭାରତର ମତାମତ ତଥା ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ପରାମର୍ଶ ସର୍ବଦା ଗୁରୁତ୍ୱ ବହନ କରିଥାଏ ବୋଲି ଶ୍ରୀ ଶାହା କହିଛନ୍ତି ।

## ପିଏମ୍-ସ୍ମିତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସାହସୀ ଭାରତୀୟ ପାଇଲଟ କ୍ୟାପ୍ଟେନ୍ ସ୍ମିତ ମଚ୍ଛାରଙ୍କ ସହ କଥା ହୋଇଛନ୍ତି । ଦୁବାଇରୁ ତେଲଆଭିଭ୍ ଯାଉଥିବା ଫ୍ଲାଏ-ଦୁବାଇ ବିମାନରେ ସହ-ପାଇଲଟଙ୍କ ଆକ୍ରମଣକୁ ପ୍ରତିହତ କରି ୧୮୦ଜଣ ଯାତ୍ରୀଙ୍କ ଜୀବନ ରକ୍ଷା କରିଥିବା କ୍ୟାପ୍ଟେନ୍ ସ୍ମିତ ପ୍ରଧାନମନ୍ତ୍ରୀଙ୍କୁ ତାଙ୍କର ଅଭିଜ୍ଞତା ସମ୍ପର୍କରେ ବିସ୍ତୃତ ଭାବେ ଜଣାଇଛନ୍ତି । ପ୍ରଧାନମନ୍ତ୍ରୀ' କ୍ୟାପ୍ଟେନ୍ ସ୍ମିତ୍ଙ୍କ ସାହସୀକତାକୁ ପ୍ରଶଂସା କରିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି । ଏଥିସହିତ ସମଗ୍ର ଦେଶ ମଧ୍ୟ ତାଙ୍କ ଆରୋଗ୍ୟ ଲାଗି ପ୍ରାର୍ଥନା କରୁଛନ୍ତି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ଶ୍ରୀ ମୋଦୀ କହିଛନ୍ତି, ନିଜର ଅଦମ୍ୟ ସାହସ, ଉପସ୍ଥିତ ବୁଦ୍ଧି ଓ ଏକ ସନ୍ତୁଳିତ ମାନସିକ ସ୍ଥିତି ଦ୍ୱାରା କ୍ୟାପ୍ଟେନ୍ ସ୍ମିତ୍ ଅନେକ ଜୀବନ ବଞ୍ଚାଇବାରେ ସଫଳ ହୋଇଛନ୍ତି । କ୍ୟାପ୍ଟେନ୍ଙ୍କର କାର୍ଯ୍ୟକୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଛନ୍ତି, ଦେଶ ଗର୍ବର ସହ କହିପାରିବ ଯେ

ଭାରତୀୟମାନେ ଜୀବନ ନିଅନ୍ତି ନାହିଁ ବରଂ ନିଜ ଜୀବନକୁ ବିପଦରେ ପକାଇ ଅନ୍ୟକୁ ବଞ୍ଚାଇବାରେ ସଫଳ ହୋଇଥାନ୍ତି ।

**V/O1-PM-WITH-SMIT-2**

## ଗାନ୍ଧି–ଶାସ୍ତ୍ରୀ ଜୟନ୍ତୀ

ଜାତିର ପିତା ମହାତ୍ମା ଗାନ୍ଧିଙ୍କର ୧୫୭ତମ ଜନ୍ମ ବାର୍ଷିକୀ ଅବସରରେ କୃତଜ୍ଞ ରାଷ୍ଟ୍ର ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛି । ଏହି ଅବସରରେ ଦେଶ ବିଦେଶର ବିଭିନ୍ନ ସ୍ଥାନରେ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ଦିଲ୍ଲୀର ରାଜଘାଟରେ ମହାତ୍ମା ଗାନ୍ଧିଙ୍କ ସମାଧି ସ୍ଥଳରେ ଏକ ସର୍ବଧର୍ମ ପ୍ରାର୍ଥନା ସଭାର ଆୟୋଜିତ ହୋଇଯାଇଛି । ଏଥିରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଲୋକସଭା ବାଚସ୍ପତି ଓମ୍ ବିର୍ଲାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ବାପୁଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ ।

ସନ୍ଧ୍ୟାରେ ନୂଆଦିଲ୍ଲୀ ସ୍ଥିତ ଗାନ୍ଧି ସ୍ମୃତିଠାରେ ଉପରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ ସମେତ ବହୁ ସମ୍ମାନନୀୟ ବ୍ୟକ୍ତିତ୍ୱ ଜାତିର ଜନକଙ୍କ ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଛନ୍ତି । ଏହି ଅବସରରେ ସେଠାରେ ଭକ୍ତି ସଂଗୀତର ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

ଆଜି ମଧ୍ୟ ହେଉଛି, ପୂର୍ବତନ ପ୍ରଧାନମନ୍ତ୍ରୀ ଲାଲବାହାଦୂର ଶାସ୍ତ୍ରୀଙ୍କର ୧୨୨ତମ ଜନ୍ମ ବାର୍ଷିକୀ । ଏହି ପରିପ୍ରେକ୍ଷୀରେ ଦେଶ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି । ନୂଆଦିଲ୍ଲୀର ସମ୍ବିଧାନ ଭବନଠାରେ ପ୍ରଧାନମନ୍ତ୍ରୀ, ଲୋକସଭା ବାଚସ୍ପତି, କେନ୍ଦ୍ରମନ୍ତ୍ରୀ ରାଜନାଥ ସିଂହ, ଜେ.ପି. ନଡ୍ଡା, କିରଣ ରିଜିଜୁ ଓ ଏଲ୍. ମୁରୁଗାନଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ଉଭୟ ଜାତିର ଜନକ ଏବଂ ଲାଲବାହାଦୂର ଶାସ୍ତ୍ରୀଙ୍କ ପ୍ରତି ସମଗ୍ର ରାଷ୍ଟ୍ର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଛି ।

## ସେବା ସଂକଳ୍ପ-ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନସେବାକୁ ୨୫ ବର୍ଷ ପୂରଣ ହୋଇଛି । ଜନସେବାରୁ ଦେଶସେବା ମନ୍ତ୍ର ଆଧାରିତ ଜୟଯାତ୍ରା ଏବଂ ଏ ପର୍ଯ୍ୟନ୍ତ ଜାରି ରହିଥିବା ନିରନ୍ତର ଅଙ୍ଗିକାରବଦ୍ଧତାକୁ ଏହା ପ୍ରକାଶ କରୁଛି । ସେବା ଏବଂ ସୁଶାସନକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ୨୦୪୭ ମସିହା ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ପୂରଣ ଲାଗି ନିରନ୍ତର କାର୍ଯ୍ୟ କରିଆସୁଛନ୍ତି । ସମାବେଶୀ ବିକାଶ ଏବଂ ସାମାଜିକ ସଶକ୍ତୀକରଣ ଜରିଆରେ ଏହି ଉତ୍ସର୍ଗୀକୃତ ସିଦ୍ଧାନ୍ତ ଜୀବନ୍ତ ରୂପ ନେଇଛି । ସେବା ସଙ୍କଳ୍ପ ଅଭିଯାନର ଏହି ସ୍ୱତନ୍ତ୍ର ଧାରାବାହିକରେ ଆଜି ଆମେ ଆପଣଙ୍କୁ 'ମନ୍ କି ବାତ୍' କାର୍ଯ୍ୟକ୍ରମ ସମ୍ପର୍କରେ ତଥ୍ୟ ପ୍ରଦାନ କରୁଛୁ ।

ମନ୍ କି ବାତ୍ ହେଉଛି ଆକାଶବାଣୀର ଏକ ମାସିକିଆ କାର୍ଯ୍ୟକ୍ରମ, ଯେଉଁଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜନସାଧାରଣଙ୍କ ସହ ଭାବବିନିମୟ କରିଥାନ୍ତି । ଗତ ମାସରେ ଶ୍ରୀ ମୋଦୀ ଏହି କାର୍ଯ୍ୟକ୍ରମର ୧୩୮ତମ ସଂସ୍କରଣ ସମ୍ପୂର୍ଣ୍ଣ କରିଛନ୍ତି । ଆରମ୍ଭ ହେବା ଦିନଠାରୁ ଏହି କାର୍ଯ୍ୟକ୍ରମ ଆଜି ପର୍ଯ୍ୟନ୍ତ ଗୋଟିଏ ହେଲେ ବି ମାସରେ ବନ୍ଦ ହୋଇନାହିଁ । ଏହା ସରକାରଙ୍କ କୌଣସି ନୀତି ସମ୍ପର୍କିତ କାର୍ଯ୍ୟକ୍ରମ ବା ସାମ୍ବାଦିକ ସମ୍ମିଳନୀ ତଥା ଅଭିଯାନ ନୁହେଁ ବରଂ ବିଭିନ୍ନ କ୍ଷେତ୍ରରେ ସାଧାରଣ ଜନତାଙ୍କର ସାଫଲ୍ୟ ଦେଶରେ ଜଳ ସଂରକ୍ଷଣ, ସ୍ୱଚ୍ଛତା ଅଭିଯାନରେ ଜନ ଭାଗିଦାରିତା ତଥା ଆତ୍ମନିର୍ଭର ଭାରତ ଗଠନ ଦିଗରେ ପ୍ରଧାନମନ୍ତ୍ରୀ ଜନସାଧାରଣଙ୍କ ସହ ଏକ ସକାରାତ୍ମକ ଆଲୋଚନାରେ ସାମିଲ ହୋଇଥାନ୍ତି । ଶ୍ରୀ ମୋଦୀଙ୍କ ପୂର୍ବରୁ ଦେଶର କୌଣସି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସହ ଏଭଳି ମାସିକ କାର୍ଯ୍ୟକ୍ରମରେ ଭାବବିନିମୟ କରିନାହାନ୍ତି ।

ଆଜିର ଦିନରେ କୋଟି କୋଟି ଭାରତୀୟ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀଙ୍କର ଏହି ଉଦ୍‌ବୋଧନ ନିୟମିତ ଭାବେ ଶୁଣିଥାନ୍ତି । ଦେଶରେ ବିଭିନ୍ନ କ୍ଷେତ୍ରରେ କରାଯାଉଥିବା ରୂପାନ୍ତରୀକରଣ ସମ୍ପର୍କିତ ପ୍ରକୃତ ତଥ୍ୟକୁ ଏକ ଆକାଂକ୍ଷି ଭାରତ ଶୁଣିବା ଲାଗି ଆଗ୍ରହ ପ୍ରକାଶ କରିଥାଏ । ଏହି

ମାସିକ ରେଡ଼ିଓ କାର୍ଯ୍ୟକ୍ରମ ମନ୍ କି ବାତ୍ ମୁଖ୍ୟତଃ ସାଧାରଣ ଯୋଗାଯୋଗ କ୍ଷେତ୍ରକୁ ରୂପାନ୍ତରୀକରଣ କରିବାରେ ସଫଳ ହୋଇଛି ।

୨୦୨୩ ଏପ୍ରିଲ୍ ମାସରେ ମନ୍ କି ବାତ୍‌ର ଏକଶତତମ ସଂସ୍କରଣରେ ନିଜର ଚିନ୍ତାଧାରା ଅଭିବ୍ୟକ୍ତ କରି ଶ୍ରୀ ମୋଦୀ କହିଥିଲେ, ମନ୍ କି ବାତ୍‌ରେ ସ୍ଥାନ ପାଇଥିବା କୌଣସି ଯୋଜନା ବା ପ୍ରସଙ୍ଗ ପରବର୍ତ୍ତୀ ସମୟରେ ଏକ ଜନ ଆନ୍ଦୋଳନରେ ପରିଣତ ହୋଇପାରିଛି । **V/O**

## ବୈଷ୍ଣବ-ରେଲ ସ୍ପିଡ୍

କାଟ୍ରା-ବାନିହାଲ୍ ସେକ୍‌ସନ୍‌ର ଚେନାବ୍ ଓ ଅଞ୍ଜି ସେତୁ ଉପରେ ନିର୍ମିତ ରେଳପଥରେ ବନ୍ଦେ ଭାରତ ଘଣ୍ଟା ପ୍ରତି ୧୦୦ କିଲୋମିଟର ବେଗରେ ଗତି କରିବା ଦ୍ୱାରା ଭାରତୀୟ ରେଳବାଇ ଏକ ଐତିହାସିକ ମାଇଲ୍‌ଖୁଣ୍ଟ ସ୍ଥାପନ କରିଛି । ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଆଜି ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ୧୧୧ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଶ୍ରୀ ମାତା ବୈଷ୍ଣବଦେବୀ କାଟ୍ରା-ବାନିହାଲ୍ ସେକ୍‌ସନ୍‌ରେ ରେଳ ଚଳାଚଳକୁ ଘଣ୍ଟା ପ୍ରତି ୭୫ କିଲୋମିଟର ବେଗରୁ ଆଜି ୧୦୦ କିଲୋମିଟର ବେଗକୁ ବୃଦ୍ଧି କରାଯାଇଛି । ଏହା ସଫଳତାର ସହ ପରିକ୍ଷଣ ହୋଇଛି । ଏହାଦ୍ୱାରା ଯାତ୍ରା ସମୟ ହ୍ରାସ ପାଇବା ସହିତ ରେଳ ଯାତ୍ରୀଙ୍କୁ

ଏକ ସୁରକ୍ଷିତ ତଥା ସ୍ୱଚ୍ଛନ୍ଦ ଯାତ୍ରାର ଅନୁଭୂତି ପ୍ରଦାନ କରିବାରେ ରେଳବାଇ ସଫଳ ହୋଇଛି ବୋଲି ରେଳ ମନ୍ତ୍ରୀ କହିଛନ୍ତି ।

## ଏସିଆନ୍ ଗେମ୍ସ

ଜାପାନର ଆଇଚି ନାଗୋୟାଠାରେ ଚାଲିଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ନିଜର ବିଜୟ ଅଭିଯାନ ଜାରି ରଖି ଆଜି ତ୍ରୟୋଦଶ ଦିବସରେ ୬ଟି ସ୍ୱର୍ଣ୍ଣ ପଦକ ହାସଲ କରିଛି । ମହିଳା ହକି ଦଳ ଫାଇନାଲ୍‌ରେ ଚୀନ୍‌କୁ ୧-୦ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛନ୍ତି । ୪୪ ବର୍ଷର ଏସୀୟ କ୍ରୀଡ଼ା ପ୍ରତିଯୋଗିତା ଇତିହାସରେ ଭାରତୀୟ ମହିଳା ହକି ଦଳ ପ୍ରଥମଥର ଲାଗି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଏଥିସହିତ ମହିଳା ହକି ଦଳ ୨୦୨୮ ଲସ୍ ଆଞ୍ଜେଲେସ୍ ଅଲିମ୍ପିକ୍ସରେ ଭାଗ ନେବା ଲାଗି ସିଧାସଳଖ ଯୋଗ୍ୟତା ଅର୍ଜନ କରିଛନ୍ତି ।

ଭାରତୀୟ ମୁଷ୍ଟି ଯୋଦ୍ଧା ସୁଜିତ୍ କାଲକାଲ ୬୫ କିଲୋଗ୍ରାମ ପୁରୁଷ ଫ୍ରିଷ୍ଟାଇଲ୍ ଇଭେଣ୍ଟରେ ତାଜିକିସ୍ତାନର ଅବଦୁଲ୍ ମାଝିଦ୍ କୁଦିଭ୍‌କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ସେହିଭଳି ବକ୍ସିଂରେ ମହିଳା ୬୫ କିଲୋଗ୍ରାମ ବର୍ଗରେ ପରବୀନ୍ ହୁଦା ଚାଇନିଜ୍ ତାଇପେଇର ନିନ୍-ଚିନ୍ ଚେନ୍‌ଙ୍କୁ ପରାସ୍ତ କରି ସ୍ୱର୍ଣ୍ଣ ପଦକ ପାଇଥିବା ବେଳେ ପୁରୁଷ ୮୦

କିଲୋଗ୍ରାମ ବର୍ଗରେ ଅଙ୍କୁଶ ପଙ୍ଘଲ ଦକ୍ଷିଣ କୋରିଆର କିମ୍ ମିନ୍‌ସିଓଙ୍ଗଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ତୀର ଚାଳନାରେ ମହିଳା ରିକର୍ଭ ଟିମ୍ ପ୍ରଥମଥର ଲାଗି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଇତିହାସ ସୃଷ୍ଟି କରିଛନ୍ତି । ଏଥିସହିତ ମିକ୍ସଡ୍ ରିକର୍ଭ ଟିମ୍ ବର୍ଗରେ ଭାରତ ରୌପ୍ୟ ପଦକ ହାସଲ କରିଛି । ଏହାଛଡ଼ା ସେପାକ୍ ଟାକ୍ରରେ ଭାରତ ପୁରୁଷ ବର୍ଗରେ ବ୍ରୋଞ୍ଜ ପଦକ ପାଇବା ସହିତ ନୌକା ଚାଳନାରେ ମହିଳା ଡିଙ୍ଗି ବର୍ଗରେ ନେଥ୍ରା କୁମାନାମ ମଧ୍ୟ ଅନ୍ୟ ଏକ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

ଆଜି ସମ୍ବାଦଟି ପ୍ରସ୍ତୁତ ହେବା ସୁଦ୍ଧା ଭାରତ ୧୬ଟି ସ୍ୱର୍ଣ୍ଣ, ୨୫ଟି ରୌପ୍ୟ ଏବଂ ୩୫ଟି ବ୍ରୋଞ୍ଜ ସହିତ ମୋଟ୍ ୭୬ଟି ପଦକ ପାଇ ତାଲିକାର ପଞ୍ଚମ ସ୍ଥାନରେ ରହିଛି ।

ଏହି ପ୍ରତିଯୋଗିତାରେ ଆଜି ପଦକ ପାଇଥିବା ଖେଳାଳିମାନଙ୍କୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଭିନନ୍ଦନ ଜଣାଇବା ସହିତ ସେମାନଙ୍କ ସଫଳତା ଲାଗି ଦେଶ ଗର୍ବିତ ବୋଲି କହିଛନ୍ତି ।

# ଇଣ୍ଡିଆନ୍-ଏସିଆନ୍ ଗେମ୍ସ ଫ୍ଲାଗ୍

ଆସନ୍ତା ରବିବାର ଦିନ ଅନୁଷ୍ଠିତ ହେବାକୁ ଥିବା ଏସୀୟ କ୍ରୀଡ଼ା ପ୍ରତିଯୋଗିତାର ଉଦ୍‌ଯାପନୀ ସମାରୋହରେ ବନ୍ଧୁକ ଚାଳନା ପ୍ରତିଯୋଗି ନିରୁ ଢାଣ୍ଡା ଭାରତର ମହିଳା ପତାକା ବାହକ ଭାବେ ଅଂଶଗ୍ରହଣ କରିବେ । ଏହି ୨୭ ବର୍ଷ ବୟସ୍କା ନିରୁ ଚଳିତ ଏସୀୟ କ୍ରୀଡ଼ା ପ୍ରତିଯୋଗିତାରେ ଦୁଇଟି ସ୍ୱର୍ଣ୍ଣ ସହିତ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି ।

ମିଳିଥିବା ସୂଚନା ଅନୁଯାୟୀ ଏହି ପ୍ରତିଯୋଗିତାର ତୃତୀୟ ପଦକ ହାସଲ କରିବା ପରେ ନିରୁ ଭାରତ ପ୍ରତ୍ୟାବର୍ତ୍ତନ କରିଥିଲେ । ତେବେ ଏହି ଉଦ୍‌ଯାପନୀ ସମାରୋହରେ ଯୋଗଦେବା ଲାଗି ଆସନ୍ତାକାଲି ସେ ଜାପାନ ଯାତ୍ରା କରିବେ । ଏହି ସମାରୋହରେ ଭାରତର ପୁରୁଷ ପତାକା ବାହକଙ୍କ ନାମ ସମ୍ପର୍କରେ ଆସନ୍ତାକାଲି ନିଷ୍ପତ୍ତି ନିଆଯିବ ବୋଲି ଜଣାପଡ଼ିଛି ।